**ରାଶନ ଦୋକାନରୁ ଚୋରି**

ଗଞ୍ଜାମ,(ଡି.ଏନ.ଏ.): ଗଞ୍ଜାମର ଦାମୋଦରପୁର ଗ୍ରାମରେ ଏକ ରାଶନ ଦୋକାନର ବାରିପଟ କବାଟ ଓ ଝରକା ତାଡି ୬ ହଜାର ଟଙ୍କା ଚୋରି ହୋଇଛି। ସ୍ଥାନୀୟ ଅଞ୍ଚଳରେ କିଛି ବର୍ଷ ହେଲା ନୂଆଁ କରି ଗଢି ଉଠିଥିବା ଏକ ଚୋର ଦଳ ଗଞ୍ଜାମ କଲେଜ ମଧରେ ମଦ୍ୟପାନ କରି ସ୍ଥାନୀୟ ପାନୀୟ ଜଳ ଯୋଗାଣ ପମ୍ପ ପରିସରରେ ପଶି କଦଳୀ ଗଛ କାଟି ଦେଇଥିବା ଅଭିଯୋଗ ହୋଇଥିଲା। ସେହିପରି ବିଭିନ୍ନ ସମୟରେ ଲୋକଙ୍କ ଘରେ ପଶି ସୁନା ଅଳଙ୍କାର ଚୋରି କରିଥିବା ନେଇ ଅଭିଯୋଗ ହୋଇଥିଲା। ଆଗକୁ ଦଶହରା, କୁମାର ପୂର୍ଣ୍ଣିମା ରହିଥିବା ଯୋଗୁ ଚୋରି ହେବାର ଅଧିକ ଆଶଙ୍କା ରହିଛି। ଯାହାକୁ ନେଇ ରାତ୍ରି କାଳୀନ ପୋଲିସ ପାଟ୍ରୋଲିଂ କଡ଼ାକଡ଼ି କରାଯିବା ନେଇ ବିଭିନ୍ନ ମହଲରୁ ଦାବି ହେଉଛି।

**ସଂକ୍ଷେପରେ**

## ଗୋବିନ୍ଦବିହାରରୁ ୧୦ ଗିରଫ

### ପାର୍ବଣରେ ଜମିଲାଣି ଜୁଆର ଆସର

**ବ୍ରହ୍ମପୁର ଅଫିସ,୨୬।୯:** ପାର୍ବଣ ଋତୁ ଆରମ୍ଭ ହୋଇଛି। ବର୍ତ୍ତମାନ ସହର ଓ ତଳି ଅଞ୍ଚଳରେ ଜୁଆ ଆସର ଜମିଲାଣି। ଆଗକୁ କୁମାର ପୂର୍ଣ୍ଣିମା। ଜୁଆଖେଳ ବେଆଇନ ହୋଇଥିବାରୁ ପୋଲିସ ଚଢ଼ାଉ କରି ଜୁଆଡ଼ିଙ୍କୁ ଧରୁଛି। ସୋମବାର ବିଳମ୍ବିତ ରାତିରେ ସଦର ଥାନା ଅଧୀନ ନିମଖଣ୍ଡି ଫାଣ୍ଡି ପୋଲିସ ଏକ ଜୁଆ ଆଡ୍ଡା ଠାବ କରିଛି। ଗୋବିନ୍ଦବିହାର ଷଷ୍ଠ ଲାଇନ୍‌ରେ ଚାଲିଥିବା ଏକ ଜୁଆ ଆଡ୍ଡାରେ ଚଢ଼ାଉ କରି ୧୦ ଜୁଆଡ଼ିଙ୍କୁ କାବୁ କରିଥିଲା। ସେମାନଙ୍କଠାରୁ ୨୩ ହଜାର ୬ଶହ ଟଙ୍କା ଓ ୮ ମୋବାଇଲ ଫୋନ ଜବତ କରାଯାଇଛି। ମାମଲା ନମ୍ବର ୪୫୧/୨୨ ରେ ଗିରଫ କରାଯାଇଛି।

## ଆକ୍ରମଣକାରୀ ଗିରଫ

**ବ୍ରହ୍ମପୁର ଅଫିସ,୨୬।୯:** ବ୍ରହ୍ମପୁର ସଦର ଥାନା ପୋଲିସ ମଙ୍ଗଳବାର ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଉଛନ୍ତି ଆଙ୍କୁଶପୁର ଗ୍ରାମର ପ୍ରଶାନ୍ତ ବେହେରା(୩୨)। ପୋଲିସ ଘଟଣାବେଳେ ବ୍ୟବହାର ହୋଇଥିବା ଠେଙ୍ଗା ଅଭିଯୁକ୍ତଙ୍କଠାରୁ ଜବତ କରିଛି। ମାମଲା ନଂ.୪୪୬/୨୨ ପ୍ରଶାନ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ପ୍ରକାଶ ଯେ, ଗତ ୨୩ ତାରିଖରେ ସୋମନାଥ ବେହେରା ନିଜ ଜମିରୁ କାମସାରି ଘରକୁ ଫେରୁଥିଲେ। ସେହି ସମୟରେ ପ୍ରଶାନ୍ତ ବେହେରା ରାସ୍ତାରେ ସୋମନାଥଙ୍କୁ ଅଟକାଇ ଥିଲେ। ପୂର୍ବଶତ୍ରୁତାକୁ କେନ୍ଦ୍ରକରି ପ୍ରଶାନ୍ତ ଏକ ଠେଙ୍ଗାରେ ସୋମନାଥଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲେ। ଫଳରେ ପ୍ରଚୁର ରକ୍ତ ସ୍ରାବ ହୋଇଥିଲା। ଘର ଲୋକ ପହଞ୍ଚି ଗୁରୁତର ପ୍ରଶାନ୍ତଙ୍କୁ ବଡ ମେଡିକାଲରେ ଭର୍ତ୍ତି କରିଥିଲେ। ଥାନାରେ ଅଭିଯୋଗ କରାଯାଇଥିଲା। ପୋଲିସ ଘଟଣାର ତଦନ୍ତ କରି ପ୍ରଶାନ୍ତଙ୍କୁ ଗିରଫ କରିଥିବା କହିଛି।

## ପ୍ରମାଣ ଅଭାବରୁ ଦୁଇ ଅଭିଯୁକ୍ତ ନିର୍ଦ୍ଦୋଷ

### ଗଞ୍ଜେଇ ଚାଲାଣ ମାମଲା

**ବ୍ରହ୍ମପୁର ଅଫିସ,୨୬।୯:** ଜିଲା ଦୌରା ଜଜ ଆନନ୍ଦ ଚନ୍ଦ୍ର ବେହେରା ମଙ୍ଗଳବାର ଏକ ଗଞ୍ଜେଇ ଚୋରା ଚାଲାଣ ମାମଲାର ଶୁଣାଣି କରିଥିଲେ। ପ୍ରମାଣ ଅଭାବରୁ ସେ ୨ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷ ସବ୍ୟସ୍ତ କରିଛନ୍ତି। ସେମାନେ ହେଲେ ପାଟପୁର ଥାନା ଅନ୍ତର୍ଗତ କଂସାମାରି ଗ୍ରାମର ସୀମାଞ୍ଚଳ ଦୋରା ଓ ସୀମା ଦୋରା। ପ୍ରକାଶ ଯେ, ୨୦୧୬ ଫେବୃଆରୀ ୧୮ରେ ଅବକାରୀ ଗୋଇନ୍ଦା (ଦକ୍ଷିଣାଞ୍ଚଳ) ବିଭାଗ ପକ୍ଷରୁ ବିଜିପୁର ଓ ରେଳଷ୍ଟେଶନ ମଧରେ ଗାଡ଼ି ଯାଞ୍ଚ କରୁଥିଲେ। ସେହି ରାସ୍ତା ଦେଇ ଆସୁଥିବା ଏକ ଅଟୋକୁ ଯାଞ୍ଚ କରାଯାଇଥିଲା। ଅଟୋ (ନଂ ଓଡ଼ି୦୭ଇ - ୫୧୬୨)ରେ ଦୁଇଟି ଅଖାରେ ଗଞ୍ଜେଇ ଭର୍ତ୍ତି ହୋଇଥିବା ଦେଖିବାକୁ ମିଳିଥିଲା। ସେଥିରୁ ୫୦ କେଜି ଗଞ୍ଜେଇ ଜବତ ହୋଇଥିଲା। ଅବକାରୀ ପୋଲିସ ମାମଲା ନମ୍ବର ୦୪/୧୬-୧୭ (ଏନ)ରେ ସୀମାଞ୍ଚଳ ଦୋରା (୨୮) ଓ ସୀମା ଦୋରା(୧୯)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ତଦନ୍ତକାରୀ ଅଧିକାରୀ ତଥା ତତ୍କାଳୀନ ଇନ୍ସପେକ୍ଟର କୋର୍ଟରେ ଚାର୍ଜଶିଟ ଦାଖଲ କରିଥିଲେ। ପରେ ଅଭିଯୁକ୍ତ ଦ୍ୱୟଙ୍କୁ ଜାମିନ ମିଳିଥିଲା। ମଙ୍ଗଳବାର ଉକ୍ତ ମାମଲାର ଶୁଣାଣି ବେଳେ ଉପରୋକ୍ତ ଅଭିଯୁକ୍ତ ଦ୍ୱୟଙ୍କୁ କୋର୍ଟରେ ହାଜର କରାଯାଇଥିଲା। ୩ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତି କରି ଉପଯୁକ୍ତ ପ୍ରମାଣ ମିଳିନଥିବାରୁ ଜଜ ସେମାନଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ମୁଦାଲାଙ୍କ ପକ୍ଷରୁ ଆଇନଜୀବୀ ସୁନୀଲ ସ୍ୱାଇଁ ଓ ମହେନ୍ଦ୍ର କୁମାର ଶତପଥୀ ମକଦ୍ଦମା ପରିଚାଳନା କରିଥିଲେ।

## ଅଶୋକ ସାହୁ ଚିଫ୍ ଡି ମିଶନ ମନୋନୀତ



**ବ୍ରହ୍ମପୁର ଅଫିସ, ୨୬।୯:** ସେପ୍ଟେମ୍ବର ୨୯ରୁ ଗୁଜରାଟର ଅହମ୍ମଦାବାଦଠାରେ ଜାତୀୟସ୍ତରୀୟ କ୍ରୀଡ଼ା ସମାରୋହ ଅନୁଷ୍ଠିତ ହେବ। ଏଥିରେ ରାଜ୍ୟରେ ମୋଟ ୨୧ଟି କ୍ରୀଡ଼ା ନିମନ୍ତେ ୨୬୧ କ୍ରୀଡ଼ାବିତ୍‌ଙ୍କ ସମେତ ୬୧ରୁ ଉର୍ଦ୍ଧ୍ୱ କୋଚ, ଟିମ୍ ମ୍ୟାନେଜର ଓ ୧୧ ପର୍ଯ୍ୟବେକ୍ଷକ ପ୍ରମୁଖ ମଙ୍ଗଳବାର ଅହମ୍ମଦାବାଦ ଗସ୍ତ କରିବେ। ଏଥି ନିମନ୍ତେ ଓଡ଼ିଶା ଅଲିମ୍ପିକ୍ ଆସୋସିଏଶନ ପକ୍ଷରୁ ଗଞ୍ଜାମ ଜିଲା କ୍ରୀଡ଼ା ସଂସଦ ସମ୍ପାଦକ ଓ ଓଡ଼ିଶା ଅଲିମ୍ପିକ ଆସୋସିଏଶନ ଯୁଗ୍ମ ସମ୍ପାଦକ ଅଶୋକ ସାହୁ ଚିଫ ଡ଼ି ମିଶନ ଭାବେ ମନୋନୀତ ହୋଇଛନ୍ତି। ଏଥି ନିମନ୍ତେ ତାଙ୍କୁ ରାଜ୍ୟ କ୍ରୀଡ଼ା ଓ ଯୁବ ବ୍ୟାପାର ଯୁଗ୍ମ ସଚିବ ଶୈଳେନ୍ଦ୍ର ଜେନାଙ୍କ ସମେତ ଜିଲା କ୍ରୀଡ଼ା ସଂଘ ପକ୍ଷରୁ ଶୁଭେଚ୍ଛା ଜଣାଯାଇଛି।

# ବିସିସି ବ୍ୟାଙ୍କ ନିର୍ଦ୍ଦେଶକ ନିର୍ବାଚନ ପାଇଁ ୮ରେ ନାମାଙ୍କନ

**ବ୍ରହ୍ମପୁର ଅଫିସ,୨୬।୯**

- ୧୫ ଜୋନ୍‌ରୁ ଓବିସି ପାଇଁ ୧୦ ସଂରକ୍ଷିତ
- ପ୍ରାକ୍ ଆଲୋଚନା ନିମନ୍ତେ ବିଜେଡି ବୈଠକ ଆଜି

ବ୍ରହ୍ମପୁର ସମବାୟ କେନ୍ଦ୍ର(ବିସିସି) ବ୍ୟାଙ୍କ ନିର୍ଦ୍ଦେଶକ ନିର୍ବାଚନ ପାଇଁ ଅକ୍ଟୋବର ୮ରେ ହେବ ନାମାଙ୍କନ। ଶତାଧିକ ବର୍ଷର ଏହି ବ୍ୟାଙ୍କ ଅଧିନରେ ଅଛି ୧୫ ଜୋନ୍। ସେଥିରୁ ଗଞ୍ଜାମରେ ୧୨ ଥିବା ବେଳେ ଗଜପତି ଜିଲାରେ ୩ ଜୋନ୍ ରହିଛି। ନିର୍ବାଚନ ଅଧିକାରୀଙ୍କ ଦ୍ୱାରା ପ୍ରକାଶିତ ବିଜ୍ଞପ୍ତି ଅନୁସାରେ ପଛୁଆ ବର୍ଗ (ଓବିସି) ମହିଳା ଓ ପୁରୁଷଙ୍କ ଲାଗି ୧୦ ଜୋନ୍ ସଂରକ୍ଷିତ ଅଛି। ଅପରପକ୍ଷରେ ଏହି ସମବାୟ ନିର୍ବାଚନ ପାଇଁ ବିଜେଡି ରାଜନୀତି ଏବେଠୁ ଚଳଚଞ୍ଚଳ ହୋଇଛି। ବ୍ୟାଙ୍କ ପରିଚାଳନା ପରିଷଦ ସଦସ୍ୟା ଓ ସଦସ୍ୟ ହେବାକୁ ଶଙ୍ଖ ଦଳରେ ଆଶାୟୀଙ୍କ ସଂଖ୍ୟା ଲମ୍ବିବାରେ ଲାଗିଛି। ନେତାଙ୍କ ଘର ପାଖରେ କର୍ମୀଙ୍କ ଗହଳି ଆରମ୍ଭ ହୋଇଯାଇଛି।

ସମବାୟ ନିର୍ବାଚନ ଦଳୀୟ ଚିହ୍ନରେ ହେଉନଥିଲେ ମଧ ପ୍ରାର୍ଥୀ ଚୟନ ସମ୍ପର୍କରେ ଆଲୋଚନା କରିବା ପାଇଁ ମଙ୍ଗଳବାର ଅପରାହ୍ନରେ ବ୍ରହ୍ମପୁର ସ୍ୱତନ୍ତ୍ର ସର୍କିଟ ହାଉସ୍‌ରେ ବିଜେଡିର ସ୍ୱତନ୍ତ୍ର ବୈଠକ ହେବାର କାର୍ଯ୍ୟକ୍ରମ ରହିଛି। ଏଥିରେ ଏମ୍‌ପି, ବିଧାୟକ ଓ ଦଳର ବରିଷ୍ଠ କାର୍ଯ୍ୟକର୍ତ୍ତା ଯୋଗଦେବେ। ସମବାୟ ସହ ଜଡ଼ିତ ନେତା ଓ ପୂର୍ବତନ କର୍ମକର୍ତ୍ତାଙ୍କୁ ମଧ ଡ଼କାଯାଇଛି। ବିସିସି ବ୍ୟାଙ୍କ ସମ୍ପର୍କରେ ଆଲୋଚନା ପରେ ଦ୍ୱିତୀୟ ପର୍ଯ୍ୟାୟରେ ଆସିକା ସମବାୟ କେନ୍ଦ୍ର ବ୍ୟାଙ୍କ ନିର୍ବାଚନ ଓ ପ୍ରାର୍ଥୀ ଚୟନ ନେଇ ଆଲୋଚନା କରାଯିବ। ଜିଲା ବିଜେଡି ସଭାପତି ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ ଏହି ସୂଚନା ଦେଇଛନ୍ତି।

ସୂଚନାନୁସାରେ, ୨୦୧୫ରେ ହୋଇଥିବା ନିର୍ବାଚନରେ ଜିଲାର ଉପରୋକ୍ତ ୨ ବ୍ୟାଙ୍କ ସମେତ ଅନ୍ୟ କେନ୍ଦ୍ର ସମବାୟ ସଂସ୍ଥାଗୁଡ଼ିକ ବିଜେଡି ଦଖଲରେ ଥିଲା। ୫ ବର୍ଷିଆ କାର୍ଯ୍ୟକାଳ ୨୦୨୦ ମେରେ ସରିବା ପରେ ସରକାରଙ୍କ ପରିଚାଳନାକୁ ଯାଇଥିଲା। ଅଢ଼େଇ ବର୍ଷ ବିତିବାକୁ ଯାଉଥିବା ବେଳେ ୨୦୨୨ରେ ନିର୍ବାଚନ ହେବାକୁ ଯାଉଛି। ସମବାୟ କ୍ଷେତ୍ରରେ ବିରୋଧୀ ଦଳର ପ୍ରଭାବ ନ ଥିବାରୁ ପୁଣି ବିଜେଡି ସଫଳତା ପାଇବାର ସମବାୟବିତ୍‌ଙ୍କ ପକ୍ଷରୁ ଆଗୁଆ ଆକଳନ କରାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନ ମଣ୍ଡଳୀର ହିଞ୍ଜିଳି ବ୍ଲକ ବିସିସି ବ୍ୟାଙ୍କ ପରିସରରେ ଅଛି। ରଙ୍ଗେଇଲୁଣ୍ଡା ବ୍ଲକରେ ଏଥର ୨ ଜୋନ୍ କରାଯାଇଥିବାରୁ ରାଜନୈତିକ ଚର୍ଚ୍ଚାକୁ ଆସିଛି। ଖଲ୍ଲିକୋଟ, ଛତ୍ରପୁର, ଦିଗପହଣ୍ଡି ନିର୍ବାଚନ ମଣ୍ଡଳୀ ଏବଂ ପୁରୁଷୋତ୍ତମପୁର, ବେଗୁନିଆପଡ଼ା, ଚିକିଟି, ପାତ୍ରପୁର ବ୍ଲକ ଆଦି ବିସିସି ବ୍ୟାଙ୍କ ଅଧିନ ରହିଛି।

ଅକ୍ଟୋବର ୮ରେ ବିସିସି ବ୍ୟାଙ୍କର ୧୫ ଜୋନ୍ ଲାଗି ବ୍ରହ୍ମପୁରସ୍ଥ ବ୍ୟାଙ୍କ ମୁଖ୍ୟାଳୟ ପରିସରରେ ଥିବା ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରେ ନାମାଙ୍କନ ଦାଖଲ କରାଯିବ। ସେହି ମାସ ୩୦ରେ ଗଞ୍ଜାମର ୧୨ ଜୋନ ପାଇଁ ବ୍ରହ୍ମପୁର ସିଟି ହାଇସ୍କୁଲ ପରିସରରେ ଭୋଟ ଗ୍ରହଣ କରାଯିବ। ସେହିପରି ଗଜପତି ଜିଲାର ୩ ଜୋନ୍ ନିମନ୍ତେ ପାରଳାଖେମୁଣ୍ଡି ସହରରେ ମତଦାନ ହେବ। ସେହିଦିନ ସନ୍ଧ୍ୟାରେ ହିଁ ଫଳାଫଳ ଘୋଷିତ ହେବ। ଏହାର ୧୫ ଦିନ ମଧରେ ନୂଆ ପରିଚାଳନା ବୋର୍ଡ ସଭାପତି ନିର୍ବାଚନ କରାଯିବ। ତେଣୁ ବିଜେଡି ରାଜନୀତିରେ ଅଙ୍କକଷା ଆରମ୍ଭ ହୋଇଯାଇଛି। ସମବାୟ କ୍ଷେତ୍ରରେ ବିସିସି ବ୍ୟାଙ୍କର ଅଧିକ ଗୁରୁତ୍ୱ ରହିଛି।

# ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଦାବି ପତ୍ର

## ପ୍ରାଣୀ ଚିକିତ୍ସାଳୟରେ ମାଗଣା ଔଷଧ ବାଟମାରଣା ଅଭିଯୋଗ



ସଚେତନ ନାଗରିକ ଓ ବୁଦ୍ଧିଜୀବୀଙ୍କ ପକ୍ଷରୁ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଦାବି ପତ୍ର।

**ବ୍ରହ୍ମପୁର ଅଫିସ,୨୬।୯**

ଗଞ୍ଜାମ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଳୟରେ ଚିକିତ୍ସା ଅବହେଳା ସମେତ ଅନ୍ୟାନ୍ୟ ଦାବି ନେଇ ସୋମବାର ବ୍ରହ୍ମପୁର ସହରର ସଚେତନ ନାଗରିକ ଓ ବୁଦ୍ଧିଜୀବୀ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧୀକାରୀଙ୍କୁ ଦାବି ପତ୍ର ପ୍ରଦାନ କରିଛନ୍ତି। ଏଥିରେ ଉଲ୍ଲେଖ ରହିଛି, ଚିକିତ୍ସାଳୟରେ କେତେଜଣ ଅସାଧୁ ଡାକ୍ତର ଓ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ଔଷଧ ବାଟମାରଣା ଓ ଅନିୟମିତତା ହେଉଥିବା ଅଭିଯୋଗ ହୋଇଛି। ଏଥିସହ ଟୋଲ ଫ୍ରି ନଂ-୧୯୬୨କୁ ଫୋନ କଲେ ବି କୌଣସି ସହାୟତା ମିଳୁନାହିଁ। ତତସହିତ ଏଲଆଇମାନେ ମାଗଣା ଔଷଧକୁ ବିକ୍ରି କରୁଛନ୍ତି। ହସ୍ପିଟାଲରେ ୨ ଜଣ ଏଲଆଇ ରହିଥିଲେ ସୁଦ୍ଧା ସେମାନେ ଅନ୍ୟାନ୍ୟ କାର୍ଯ୍ୟରେ ନିୟୋଜିତ ରହୁଥିବା ଅଭିଯୋଗ ହୋଇଛି। ଚିକିତ୍ସାଳୟରେ ପୁଲର, ଷ୍ଟାଣ୍ଡ, ୨ଟି ଆମ୍ବୁଲାନ୍ସ ପାଇଁ ଦୀର୍ଘ ଦିନରୁ ଦାବି ହୋଇ ଆସୁଛି। କିନ୍ତୁ କୌଣସି ଦାବି ପୂରଣ ହେଉ ନାହିଁ। ଏପରିକି ହସ୍ପିଟାଲକୁ ଆସୁଥିବା ଔଷଧ ଓ ସାଲାଇନର ଆକଳନ ରଖିବା ପାଇଁ ଦାବି ହୋଇଛି। ଆଗାମୀ ଦିନରେ ଯଦି ଉପରୋକ୍ତ ସମସ୍ୟାର ସମାଧାନ ନ ହୁଏ ତେବେ ଆନ୍ଦୋଳନ କରାଯିବା ନେଇ ଚେତାବନୀ ଦିଆଯାଇଛି। ଦାବି ପତ୍ର ପ୍ରଦାନ ସମୟରେ ମନୋଜ ତରାଇ, ଏସ୍.କେଶବ ଲିଙ୍ଗମ, ଗଗନ ଚନ୍ଦ୍ର ମଲିକ, ଆଦିତ୍ୟ ରଥ, ଜି.ଲାଛେୟା ରେଡ୍ଡୀ, ସଦାନନ୍ଦ ସାହୁ, ରମେଶ ଚନ୍ଦ୍ର ବେହେରା, ହୃଷୀକେଶ ପାତ୍ର, ଅମିତ ରୋଶନ ସାହୁ, ସ୍ମୃତି ରଞ୍ଜନ ତରାଇ ଓ ଅବନୀ ଗୟା ପ୍ରମୁଖ ଉପସ୍ଥିତ ଥିଲେ।

# ମା’ଙ୍କ ଲାଗି ବ୍ରହ୍ମପୁର ଉତ୍ସବମୁଖର



ଲାଞ୍ଜିପଲ୍ଲୀ କାଳୀ ମନ୍ଦିର ପୂଜା କମିଟି ପକ୍ଷରୁ କଳସ ଶୋଭାଯାତ୍ରା।

**ବ୍ରହ୍ମପୁର ଅଫିସ,୨୬।୯**

### ଦକ୍ଷିଣେଶ୍ୱର କାଳୀ ପୀଠରେ ନବରାତ୍ର ପୂଜା

ବ୍ରହ୍ମପୁର ସହରରେ ଆରମ୍ଭ ହୋଇଛି ନବରାତ୍ର ପୂଜା। ଶାରଦୀୟ ବିଜୟ ଦଶମୀ ପୂର୍ବରୁ ନବରାତ୍ର ଆରମ୍ଭରେ ସୋମବାରଠାରୁ ଧରାପୃଷ୍ଠରେ ମା’ଙ୍କ ଅବତରଣ ହୋଇଛି। ଦେବୀଙ୍କ ସ୍ୱାଗତରେ ଉତ୍ସବ ମୁଖର ହୋଇ ଉଠିଛି ରେଶମ ସହର। ସୋମାବାରରୁ ବ୍ରହ୍ମପୁର ଲାଞ୍ଜିପଲ୍ଲୀ ଜେଲ ରୋଡ଼ ମା’ ଦକ୍ଷିଣେଶ୍ୱର କାଳୀ ପୀଠରେ ନବରାତ୍ର ପୂଜା ଆରମ୍ଭ ହୋଇଛି। ପୂର୍ବାହ୍ନରେ ଜଳଯାତ୍ରା ଅନୁଷ୍ଠିତ ହୋଇଥିଲା। ଶତାଧିକ ମହିଳା ଓ ପୁରୁଷ ଏଥିରେ ସାମିଲ ହୋଇ ୧୬ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱସ୍ଥ ମାର୍କେଣ୍ଡେଶ୍ୱର ପୋଖରୀରୁ ଜଳ ସଂଗ୍ରହ କରିଥିଲେ। ଜଳ କଳସ ଶୋଭାଯାତ୍ରାରେ ଆସି ମନ୍ଦିର ସମ୍ମୁଖ ଯଜ୍ଞସ୍ଥଳରେ ପହଞ୍ଚିଥିଲେ। ମନ୍ଦିର ପରିଚାଳନା କମିଟି ମୁଖ୍ୟ ହେମନ୍ତ କୁମାର ସାବତ ଓ ଅନ୍ୟମାନେ ଏଥିରେ ସାମିଲ ହୋଇଥିଲେ। ପଣ୍ଡିତ ଅକ୍ଷୟ କୁମାର ପାଢ଼ୀଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମନ୍ଦିରରେ ମହାସପ୍ତମୀ ଓ ମହାଷ୍ଟମୀରେ ସନ୍ଧିପୂଜା ସମେତ ବିଭନ୍ନ ନୀତି କାନ୍ତି ସହ କାଳୀଙ୍କ ରାଜରାଜେଶ୍ୱରୀ ବେଶ ଓ ପୂର୍ଣ୍ଣାହିତ ଦିଆଯିବ। ସେହିପରି ବିଜିପୁର, ଆଙ୍କୁଲି, ଆମ୍ବପୁଆ ସମେତ ବିଭିନ୍ନ କାଳୀ ମନ୍ଦିର, ଠାକୁରାଣୀ ମନ୍ଦିର,ଦେବୀ ମନ୍ଦିର ଓ ପୂଜା ମଣ୍ଡପ ମାନଙ୍କରେ ନବରାତ୍ର ପୂଜା ଆରମ୍ଭ ହୋଇଛି।

## ବିଧବାଙ୍କୁ ବଳାତ୍କାର ଅଭିଯୋଗରେ ଯୁବକ ଗିରଫ

**ବ୍ରହ୍ମପୁର ଅଫିସ,୨୬।୯**

ଜଣୈକା ବିଧବାଙ୍କୁ ବଳାତ୍କାର ଅଭିଯୋଗରେ ବ୍ରହ୍ମପୁର ବୈଦ୍ୟନାଥପୁର ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ଅଭିଯୁକ୍ତ ଜଣଙ୍କ ରାଜେଶ ରେଡ୍ଡୀ(୩୦)। ମାମଲା ନମ୍ବର ୩୩୬/୨୨ରେ ଅଭିଯୁକ୍ତଙ୍କୁ ମଙ୍ଗଳବାର ପୋଲିସ କୋର୍ଟ ଚାଲାଣ କରିଛି। ପୂର୍ବରୁ ଉଭୟ ଅଭିଯୁକ୍ତ ଓ ପୀଡ଼ିତାଙ୍କ ଡାକ୍ତରୀ ମାଇନା କରାଯାଇଥିଲା। ମଙ୍ଗଳବାର ପୀଡିତାଙ୍କ ବୟାନ କୋର୍ଟରେ ରେକର୍ଡ କରାଯାଇଛି। ପ୍ରକାଶ ଯେ, ରାଜେଶ ଜଣେ ବିଧବାଙ୍କୁ ପ୍ରେମ କରିବା ସହ ତାଙ୍କ ଅଜାଣତରେ କିଛି ଆପତ୍ତିଜନକ ଫୋଟ ଉଠାଇଥିଲେ। ପରେ ତାଙ୍କ ଇଚ୍ଛା ବିରୋଧରେ ବଳାତ୍କାର କରିଥିଲେ। ମହିଳା ଜଣଙ୍କ ଏହାର ପ୍ରତିବାଦ କରିବାରୁ ଉକ୍ତ ଅପତ୍ତିଜନକ ଫୋଟଗୁଡିକ ସୋସିଆଲ ମିଡିଆରେ ଭାଇରାଲ କରିବାକୁ ରାଜେଶ ମହିଳାଙ୍କୁ ଧମକ ଦେଇଥିଲେ। ଏହାର ସୁଯୋଗ ନେଇ ପୀଡ଼ିତାଙ୍କୁ ସେ ବାରମ୍ବାର ବଳାତ୍କାର କରିବାକୁ ଲାଗିଥିଲେ। ଶେଷରେ ପୀଡ଼ିତା ଏନେଇ ଥାନାରେ ଅଭିଯୋଗ କରିଥିଲେ।

## ସମୁଦ୍ର ବେଳାଭୂମିରୁ ଜଣଙ୍କ ମୃତଦେହ ଜବତ

**ଛତ୍ରପୁର,୨୬।୯(ଡି.ଏନ.ଏ.)**

ଆର୍ଯ୍ୟପଲ୍ଲୀ ମେରାଇନ ଥାନା ଅନ୍ତର୍ଗତ ବଡ଼ ଆର୍ଯ୍ୟପଲ୍ଲୀ ନିକଟ ସମୁଦ୍ର ବେଳାଭୂମିରୁ ସୋମବାର ଏକ ଅଜଣା ବ୍ୟକ୍ତିଙ୍କ ମୃତଦେହକୁ ପୋଲିସ ଜବତ କରିଛି। ସମୁଦ୍ର ନିକଟରେ ଏହି ମୃତଦେହ ପଡ଼ିଥିବା ନେଇ ପୋଲିସ ଖବର ପାଇଥିଲା। ଆର୍ଯ୍ୟପଲ୍ଲୀ ମେରାଇନ ଥାନା ପୋଲିସ ପହଞ୍ଚି ମୃତଦେହକୁ ଜବତ କରି ତଦନ୍ତ ଜାରି ରଖିଛି।

## ରାସ୍ତା କଡ଼ରେ ନିଶା ବେପାର

**ବ୍ରହ୍ମପୁର ଅଫିସ,୨୬।୯**

### ୧୨୭ ଗ୍ରାମ ବ୍ରାଉନ୍ ସୁଗାର ସହ ମହିଳା ଗିରଫ





ଜବତ ବ୍ରାଉନ ସୁଗାର, ଟଙ୍କା ଏବଂ ଗିରଫ ମହିଳା।

ଗଞ୍ଜାମ ଜିଲାର ବିଭିନ୍ନ ସ୍ଥାନରେ ନିଶା କାରବାର ଦିନକୁ ଦିନ ବୃଦ୍ଧି ପାଉଛି। ଗଞ୍ଜେଇ ପରେ ବ୍ରହ୍ମପୁର ସହର ଓ ଆଖପାଖ ଅଞ୍ଚଳରେ ବ୍ରାଉନ୍ ସୁଗାର ବେପାରୀ ସକ୍ରିୟ ହୋଇ ଉଠିଛନ୍ତି। ଯୁବବର୍ଗଙ୍କୁ ନିଶା କାରବାର କରୁଥିବା ବେପାରୀମାନେ ଟାର୍ଗେଟ କରୁଛନ୍ତି। ଏଭଳି ଏକ ଖବର ପାଇ ବ୍ରହ୍ମପୁର ଅବକାରୀ ଗୋଇନ୍ଦା ଇନ୍ସପେକ୍ଟର ଗୀତାଞ୍ଜଳି ସାହୁଙ୍କ ନେତୃତ୍ୱରେ ଏକ ଟିମ୍ ମଙ୍ଗଳବାର ସିଟି ହସ୍ପିଟାଲ ନିକଟରେ ଚଢ଼ାଉ କରିଥିଲା। ସେଠାରୁ ଜଣେ ମହିଳା ନିଶା ବେପାରୀଙ୍କୁ କାବୁ କରିଥିଲା। ତାଙ୍କ ପାଖରୁ ୧୨୭ ଗ୍ରାମ୍ ବ୍ରାଉନ ସୁଗାର ଜବତ କରିଥିଲା। ଏଥିସହ ସେ ବ୍ରାଉନ ସୁଗାର ବିକ୍ରି କରି ନିଜ ପାଖରେ ରଖିଥିବା ୧୧ ହଜାର ଟଙ୍କା ମଧ୍ୟ ଜବତ କରିଛି। ସେ ହେଲେ ଗେଟବଜାର ଅଞ୍ଚଳର ସୁକାନ୍ତି ବେହେରା(୪୦)। ମହିଳା ଜଣଙ୍କ ରାସ୍ତା କଡ଼ରେ ଏହି ନିଶା ବେପାର କରୁଥିବା ଅନୁମାନ କରାଯାଉଛି। ସେଠାରୁ ବ୍ରାଉନ ସୁଗାର ଉକ୍ତ ମହିଳାଙ୍କଠାରୁ କିଣିବାକୁ ଆସିଥିବା ବେପାରୀ ଜଣଙ୍କ ଫେରାର ହୋଇଯାଇଥିଲେ ବୋଲି ଅବକାରୀ ବିଭଗ ପକ୍ଷରୁ କୁହାଯାଇଛି। ମହିଳା ଜଣଙ୍କ ଉକ୍ତ ବ୍ରାଉନ ସୁଗାର କେଉଁଠାରୁ ଆଣିଥିଲେ ସେନେଇ ଟିମ୍ ଖୋଳତାଡ କରୁଛି। ବ୍ରାଉନ ସୁଗାର କାରବାରରେ ଏବେ ମହିଳାଙ୍କୁ ସାମିଲ କରାଯାଉଛି ବୋଲି ଅବକାରୀ ଗୋଇନ୍ଦା ଡେପୁଟି କମିଶନର (ଦକ୍ଷିଣାଞ୍ଚଳ) ଅଶୋକ କୁମାର ଶତପଥୀ ସୂଚନା ଦେଇଛନ୍ତି।

# ବିପର୍ଯ୍ୟସ୍ତ ଚାଷ ପାଇଁ ତ୍ରୁଟିପୂର୍ଣ୍ଣ କୃଷିନୀତି ଦାୟୀ

**ବ୍ରହ୍ମପୁର ଅଫିସ,୨୬।୯**




କିଷାନ କଂଗ୍ରେସର ଖବରଦାତା ସମ୍ମିଳନୀ।

### କିଷାନ କଂଗ୍ରେସର ଅଭିଯୋଗ

କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ତ୍ରୁଟିପୂର୍ଣ୍ଣ କୃଷିନୀତି ଯୋଗୁ ଚାଷ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇଛି। ଫଳରେ କୃଷିଜାତ ପଦାର୍ଥର ଉତ୍ପାଦନ ହ୍ରାସ ପାଇଛି ଏବଂ ଚାଷୀଙ୍କ ବ୍ୟାପକ କ୍ଷତି ଘଟିଛି। ପିସିସି କିଷାନ କଂଗ୍ରେସ ପକ୍ଷରୁ ସୋମବାର ଏହି ଅଭିଯୋଗ କରାଯାଇଛି। ପ୍ରତିବାଦରେ ସବୁ ଜିଲାରେ ଚାଷୀଙ୍କୁ ମେଳି କରି କିଷାନ କଂଗ୍ରେସ ଆନ୍ଦୋଳନ କରିବାକୁ ପ୍ରସ୍ତୁତି ଚଳାଇଛି। ରାଜ୍ୟ ଅଧ୍ୟକ୍ଷ ଅମିୟ ପଟ୍ଟନାୟକ ବ୍ରହ୍ମପୁରରେ ଏହି ସୂଚନା ଦେଇଛନ୍ତି। କୃଷି ବହୁଳ ଗଞ୍ଜାମ ଜିଲାରେ ଜଳସେଚନ ବ୍ୟବସ୍ଥା ସମ୍ପ୍ରସାରଣରେ ସରକାର ବିଫଳ ହୋଇଥିବା ସେ ଆଉ ଏକ ସଙ୍ଗିନ ଅଭିଯୋଗ କରିଛନ୍ତି।

ଗଞ୍ଜାମ ଗସ୍ତରେ ଆସିଥିବା ପଟ୍ଟନାୟକ ଜିଲା କଂଗ୍ରେସ କାର୍ଯ୍ୟାଳୟ ବାପୁଜୀ ଆଶ୍ରମରେ ଗଣମାଧ୍ୟମକୁ ଆହୁରି କହିଛନ୍ତି, ଧାନର ସର୍ବନିମ୍ନ ସହାୟକ ମୂଲ୍ୟ କୁଇଣ୍ଟାଲ ପ୍ରତି ୨୯୩୦ ଟଙ୍କା ଧାର୍ଯ୍ୟ କରିବାରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଆଖି ବୁଜି ଦେଇଛନ୍ତି। କୃଷି କାର୍ଯ୍ୟକ୍ରମ ଲାଗି ସରକାର ମାଗଣାରେ ବିଜୁଳି ଯୋଗାଣ ପାଇଁ ସେ ଦାବି କରିଛନ୍ତି। ପ୍ରତ୍ୟେକ ପଞ୍ଚାୟତ ପରିବର୍ତ୍ତେ ରାଜସ୍ୱ ଗ୍ରାମକୁ ନେଇ ଫସଲ ବୀମା ୟୁନିଟ କରାଯିବାକୁ ଗୁରୁତ୍ୱ ଦେଇଛନ୍ତି। ପ୍ରଚଳିତ କୃଷି ଇନ୍‌ପୁଟ ସହାୟତା ରାଶି ଦୁଇଗୁଣା ବଢ଼ାଇବା, କାଳିଆ ଓ ପିଏମ୍ କିଷାନ ଯୋଜନାରେ ସମସ୍ତ ଚାଷୀଙ୍କୁ ଅନ୍ତର୍ଭୁକ୍ତ କରାଯିବା ଏବଂ ବାର୍ଷିକ ୨୪ ହଜାର ଟଙ୍କା ଲେଖାଏ ସହାୟତା ଦେବା ନିମନ୍ତେ ପଟ୍ଟନାୟକ ଦାବି କରିଛନ୍ତି। ଚାଷକୁ ବ୍ୟାପକ କରିବା ଲାଗି ଅନ୍ତତଃପକ୍ଷେ ୫୦% ଜମିକୁ ସରକାର ସେଚ ବ୍ୟବସ୍ଥା ସୁନିଶ୍ଚିତ କରିବାକୁ କିଷାନ କଂଗ୍ରେସ ପ୍ରସ୍ତାବ ଦେଇଛି। ଜିଲା କିଷାନ କଂଗ୍ରେସ ସଭାପତି ବୃନ୍ଦାବନ ଖଟେଇ ଓ ସଂଯୋଜକ ଶ୍ୟାମ ସୁନ୍ଦର ଦୋରା ପ୍ରମୁଖ ଉପସ୍ଥିତ ଥିଲେ।

## ୧୭ କେଜି ଗଞ୍ଜେଇ ଜବତ

**ସୋରଡା,୨୬।୯(ଡି.ଏନ୍.ଏ.)**

ସୋରଡା ଆସିକା ରାସ୍ତା କେଶରା ଛକରେ ରବିବାର ମଧରାତିରେ ପୋଲିସ କନ୍ଧମାଳରୁ ବ୍ରହ୍ମପୁର ଅଭିମୁଖେ ଯାଉଥିବା ଏକ ବାଇକରୁ ୧୭ କେଜି ଗଞ୍ଜେଇ ଜବତ କରିଛି। ଏହି ଘଟଣାରେ ୨ ଜଣଙ୍କୁ ସୋମବାର କୋର୍ଟ ଚାଲାଣ କରାଯାଇଥିବା ଆଇଆଇସି ରମେଶ କୁମାର ପ୍ରଧାନ ସୂଚନା ଦେଇଛନ୍ତି।

## ବିଜେଡିରୁ ଦୁଇ ଛାମୁଆ କର୍ମୀ ନିଲମ୍ବିତ

**ଦିଗପହଣ୍ଡି,୨୬।୯(ଡି.ଏନ.ଏ.)**

### ଦଳରେ ବିଶୃଙ୍ଖଳା ଅଭିଯୋଗ

ଦଳରେ ବିଶୃଙ୍ଖଳା ସୃଷ୍ଟି କରିବା ଅଭିଯୋଗରେ ବିଜେଡିରୁ ୨ ଛାମୁଆ କର୍ମୀଙ୍କୁ ନିଲମ୍ବିତ କରାଯାଇଛି। ସେମାନେ ହେଲେ ଦିଗପହଣ୍ଡି ପୂର୍ବତନ ବ୍ଲକ ଅଧ୍ୟକ୍ଷ ବିପିନ ଚନ୍ଦ୍ର ପ୍ରଧାନଙ୍କ ପ୍ରମୁଖ ସହଯୋଗି ତଥା ଗଡଗୋବିନ୍ଦପୁର ପଞ୍ଚାୟତ ପୂର୍ବତନ ସରପଞ୍ଚ କେ.ହରିବନ୍ଧୁ ରେଡ୍ଡୀ ଓ ଏନ୍‌ଏସିର ପୂର୍ବତନ ନଗର ବିଜେଡି ସଭାପତି ପ୍ରମୋଦ କୁମାର ପାଣିଗ୍ରହୀ। ଦଳରେ ବିଶୃଙ୍ଖଳା ସୃଷ୍ଟି କରିବା ଅଭିଯୋଗରେ ତାଙ୍କ ବିରୋଧରେ ନିଲମ୍ବନ ଆଦେଶ ଦିଆଯାଇଥିବା ନେଇ ବିଜେଡି ଜିଲା ସଭାପତି ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ ପ୍ରେରିତ କରିଥିବା ଏକ ଚିଠିରେ ଉଲ୍ଲେଖ କରିଛନ୍ତି। ଏଭଳି ନିଲମ୍ବନ ଆଦେଶ ତାଙ୍କୁ ମିଳିନାହିଁ ବୋଲି ଯୋଗାଯୋଗ କରିବାରୁ କେ.ହରିବନ୍ଧୁ କହିଛନ୍ତି। ଦ୍ୱିତୀୟତଃ ପ୍ରମୋଦ ଲେବର କାର୍ଡ କରାଇଦେବା ନାଁରେ ସାଧାରଣ ଲୋକଙ୍କୁ ଠକି ଲକ୍ଷ ଲକ୍ଷ ଟଙ୍କା ଆଦାୟ କରିବା ଏବଂ ଦଳୀୟ ବିଶୃଙ୍ଖଳାରେ ଯୁବ କର୍ମୀମାନଙ୍କୁ ପ୍ରଲୋଭିତ କରିବା ଅଭିଯୋଗରେ ତାଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଦଳରୁ ନିଲମ୍ବନ କରାଯାଇଛି। ସେ ବର୍ତ୍ତମାନ୍ ହାଇକୋର୍ଟରୁ ଜାମିନରେ ଆସିଛନ୍ତି ବୋଲି ନିଲମ୍ବନ ଆଦେଶ ଚିଠିରେ ଉଲ୍ଲେଖ ରହିଛି। ଏଠାରେ ଉଲ୍ଲେଖଯୋଗ୍ୟ, ଗତ ପଞ୍ଚାୟତ ନିର୍ବାଚନ ପରବର୍ତ୍ତି ସମୟଠାରୁ ସ୍ଥାନୀୟ ବିଧାୟକ ଓ ତାଙ୍କ ପୁତ୍ର ବିପ୍ଳବ ପାତ୍ରଙ୍କ ବିରୋଧରେ ବିଭିନ୍ନ ପ୍ରକାର ଆପତିଜନକ ମନ୍ତବ୍ୟ ଦେଇ ଏମାନେ ଚର୍ଚ୍ଚାକୁ ଆସିଥିଲେ।

# କାଲୁଆ ନଗର, ବାସୁଦେବ ନଗର ପ୍ରତି ପ୍ରଶାସନର ଅଣଦେଖା

**ବ୍ରହ୍ମପୁର ଅଫିସ, ୨୬।୯**



କାଲୁଆ ନଗର ଓ ବାସୁଦେବ ନଗରରେ ଶୋଚନୀୟ ରାସ୍ତା।

ବ୍ରହ୍ମପୁର ସହରତଳି ଅଞ୍ଚଳ ତଥା ଲୋଚାପଡା ପଞ୍ଚାୟତ ଅଧୀନ କାଲୁଆନଗର ଓ ବାସୁଦେବନଗର ଅଞ୍ଚଳରେ ରାସ୍ତାଠାରୁ ଆରମ୍ଭ କରି ବିଭିନ୍ନ ସମସ୍ୟା ପ୍ରତି ପ୍ରଶାସନ ଅଣଦେଖା କରାଯାଉଥିବା ନେଇ ସହରତଳି ଅଞ୍ଚଳ ମିଳିତ କ୍ରିୟାନୁଷ୍ଠାନ କମିଟି ଅଭିଯୋଗ କରିଛି। କମିଟି ପକ୍ଷରୁ କୁହାଯାଇଛି, ଉପରୋକ୍ତ ୨ଟି ଅଞ୍ଚଳ ସହର ସନିକଟରେ ଅବସ୍ଥିତ ଥିଲେ ମଧ ଏହା କୁକୁଡାଖଣ୍ଡି ବ୍ଲକ ଅଧୀନ ଲୋଚାପଡା ପଞ୍ଚାୟତରେ ରହିଛି। କାଲୁଆନଗରରେ ୫ ସାହି ଥିବା ବେଳେ ବାସୁଦେବନଗରରେ ୭ଟି ସାହି ରହିଛି। ଉକ୍ତ ୨ଟି ସାହିରେ ୫ ହଜାର ଜନସଂଖ୍ୟା ରହିଛି। କିନ୍ତୁ ଏତେ ସଂଖ୍ୟକ ଜନ ବସତି ସତ୍ତ୍ୱେ ସାହି ଗୁଡିକରେ ଖାଲ ଖମା ରାସ୍ତା ଯୋଗୁ ସାଧାରଣ ଜନତା ଯାତାୟାତରେ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହୋଇଛି। ଏଥିସହ ଡ୍ରେନେଜ ବ୍ୟବସ୍ଥା ନ ଥିବାରୁ ବର୍ଷା ଜଳ ନିଷ୍କାସନ ହୋଇ ନ ପାରି ଲୋକେ ଜଳବନ୍ଦୀ ହେଉଛନ୍ତି। ତତସହିତ ସାହି ମଧରେ ଷ୍ଟ୍ରିଟ ଲାଇଟ ନ ଥିବାରୁ ବିଷାକ୍ତ ସରୀସୃପଙ୍କ ସଂଖ୍ୟା ବୃଦ୍ଧି ପାଉଛି। ଏପରିକି ସାହି ୨ଟିକୁ ଜଳ ଯୋଗାଣ ବ୍ୟବସ୍ଥା କରାଯାଇ ନାହିଁ। ଅନ୍ୟପଟେ ପଞ୍ଚାୟତ ପକ୍ଷରୁ ନିୟମିତ ସଫେଇ ଓ ଆବର୍ଜନା ସଫେଇ ହେଉ ନ ଥିବାରୁ ପରିବେଶ ପ୍ରଦୂଷିତ ହେଉଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। ଏଭଳି ସ୍ଥିତିରେ ସହରତଳି ଅଞ୍ଚଳ ବ୍ରହ୍ମପୁର ମହାନଗରରେ ମିଶ୍ରଣ ନେଇ ନିଷ୍ପତ୍ତି ଅଧାପନ୍ତରିଆ ରହିଥିବା ବେଳେ ସ୍ଥାନୀୟ ବାସିନ୍ଦାଙ୍କୁ ମୌଳିକ ସୁବିଧା ନ ମିଳିବା କମିଟି ପକ୍ଷରୁ କ୍ଷୋଭ ପ୍ରକାଶ କରାଯାଇଛି। ଏଣୁ ଉପରୋକ୍ତ ୨ଟି ସାହିରେ ଥିବା ସମସ୍ୟାର ସମାଧାନ ପାଇଁ ସହରତଳି ଅଞ୍ଚଳ ମିଳିତ କ୍ରିୟାନୁଷ୍ଠାନ କମିଟି ସଭାପତି ସଞ୍ଜୀବ କୁମାର ପଟ୍ଟନାୟକ ଦାବି କରିଛନ୍ତି।

## ଜୁଆ ଆଡ୍ଡାରୁ ୫ ଗିରଫ

ଭଞ୍ଜନଗର, (ଡି.ଏନ୍.ଏ)–ଆଗକୁ ଦଶହରା ପୂଜା ଥିବାରୁ ଭଞ୍ଜନଗର ଥାନା ଅଞ୍ଚଳରେ ଚୋରା ମଦ କାରବାର ସହ ଜୁଆ ଖେଳ ମଧ୍ୟ ବୃଦ୍ଧି ପାଇଛି। ତେଣୁ ଭଞ୍ଜନଗର ପୋଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢାଉକୁ ଜୋରଦାର କରାଯାଇଛି। ରବିବାର ରାତିରେ ବିଭିନ୍ନ ସ୍ଥାନରେ ଚଢାଉ କରି ପୋଲିସ ୫ ଜଣ ଜୁଆଡିଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ୧୬୦୩୦ ଟଙ୍କା ସମେତ ଜୁଆ ଖେଳରେ ବ୍ୟବହୃତ ବିଭିନ୍ନ ଜିନିଷ ଜବତ କରାଯାଇଛି ।

## ସଂକ୍ଷେପରେ

### ପୂର୍ବତନ ସରପଞ୍ଚଙ୍କ ପରଲୋକ



ଆସିକା,୨୬।୯(ଡି.ଏନ.ଏ):ଆସିକା ବ୍ଲକ ଗୁଣ୍ଡପଡା ପଞ୍ଚାୟତର ପୂର୍ବତନ ସରପଞ୍ଚ ସୁରେନ୍ଦ୍ର ଦଳାଇ(୬୨)ଙ୍କ ରବିବାର ବିଳମ୍ବିତ ରାତିରେ ପରଲୋକ ଘଟିଛି। ଗତ ୪ମାସ ହେଲା ସେ ଅସୁସ୍ଥ ଥିଲେ। ଶନିବାର ଶ୍ୱାସକ୍ରିୟା ଜନିତ ଅସୁବିଧା ହେବାରୁ ଆସିକା ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ସେଠାରୁ ତାଙ୍କୁ ବ୍ରହ୍ମପୁର ବଡମେଡିକାଲକୁ ପଠାଇ ଦିଆଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କ ସ୍ତ୍ରୀ ତଥା ସରପଞ୍ଚ ଶୈଳବାଳା ଦଳାଇ ଏବଂ ପୁଅ ନିରାକାର ଓ ରାଧାକୃଷ୍ଣ ଉପସ୍ଥିତ ଥିଲେ। ସୁରେନ୍ଦ୍ର ୧୯୯୨ ରୁ ୧୯୯୫ ଓ ୨୦୦୨ ରୁ ୨୦୦୭ ଦୁଇଥର ଗୁଣ୍ଡପଡାର ସରପଞ୍ଚ ରହି ପଞ୍ଚାୟତବାସୀଙ୍କ ପ୍ରିୟଭାଜନ ହୋଇଥିଲେ। ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁ ଓ ପୂର୍ବତନ ବ୍ଲକ ଅଧ୍ୟକ୍ଷ ହରେକୃଷ୍ଣ ମଳିକ ସ୍ୱର୍ଗତ ଦଳାଇଙ୍କ ବାସଭବନରେ ପହଞ୍ଚି ଶୋକବ୍ୟକ୍ତ କରିବା ସହ ପରିବାରକୁ ସମବେଦନା ଜଣାଇଥିଲେ।

### ସମ୍ବିଧାନ ଓ ବୈଜ୍ଞାନିକ ଚିନ୍ତନ ଉପରେ ଆଲୋଚନାଚକ୍ର

ଭଞ୍ଜନଗର,୨୬।୯(ଡି.ଏନ.ଏ):ଭଞ୍ଜନଗର ବ୍ଲକ ବାଉଁଶଲୁଣ୍ଡି ରାଧାକୃଷ୍ଣ ପାଠାଗାରରେ ଶନିବାର ଭାରତୀୟ ସମ୍ବିଧାନ ଓ ବୈଜ୍ଞାନିକ ଚିନ୍ତନ ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ସଭାପତି ନିରଞ୍ଜନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବରିଷ୍ଠ ଆଇନଜୀବୀ ବୈଦ୍ୟନାଥ ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଜି.ଉଦୟଗିରି କଳିଙ୍ଗା ମହାବିଦ୍ୟାଳୟ ରାଜନୀତି ବିଜ୍ଞାନ ଅଧାପକ ଡ଼.ରାଜେଶ ବାଗ୍ ମୁଖ୍ୟବକ୍ତା ଏବଂ ବରିଷ୍ଠ ଲେଖକ ପ୍ରଶାନ୍ତ ମହାନ୍ତି, ଶିକ୍ଷକ ନେତାଜୀ ବିଷୋୟୀ, ପଦ୍ମନାଭ ପ୍ରଧାନ, ବିପଦବନ୍ଧୁ ରାଉତ, ପ୍ରସନ୍ନ କୁମାର ପ୍ରଧାନ, ସମ୍ପାଦକ ଭଞ୍ଜ କିଶୋର ପ୍ରଧାନ, ଆଇନ ପରାମର୍ଶଦାତା ଅଭିମନ୍ୟୁ ଗୌଡ଼, ଉପସଭାପତି ପଦ୍ମ ଚରଣ ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଧାରା ୫୧(ଏ) ଉପରେ ଆଲୋଚନା କରିଥିଲେ ।

### ହେମଲତା କୃଷକ ସମାଜ ଶାଖା ସଭାନେତ୍ରୀ



ପାରଳାଖେମୁଣ୍ଡି,୨୬।୯(ଡି.ଏନ.ଏ)- ଓଡିଶା କୃଷକ ସମାଜ ଗଜପତି ଶାଖାର ସଭାନେତ୍ରୀ ଭାବେ ଏ.ହେମଲତା ରାମାରାଓ ମନୋନୀତ ହୋଇଛନ୍ତି। ତାଙ୍କୁ ଓଡିଶା କୃଷକ ସମାଜ ରାଜ୍ୟ ଅଧ୍ୟକ୍ଷ ପି.ସି. ମହାନ୍ତି ମନୋନୀତପତ୍ର ପ୍ରଦାନ କରିଛନ୍ତି। ହେମଲାତା ୩ବର୍ଷ ପାଇଁ ସଭାନେତ୍ରୀ ରହିବେ। ଗଜପତି ଜିଲାରେ କୃଷିର ବିକାଶ ପାଇଁ ପଦକ୍ଷେପ ନେବାକୁ ରାଜ୍ୟ ଅଧ୍ୟକ୍ଷ ତାଙ୍କୁ ନିବେଦନ କରିଛନ୍ତି। କାଶୀନଗର ବ୍ଲକ ହାଡୁଭାଙ୍ଗି ଗ୍ରାମ ନିକଟସ୍ଥ ଚୁଡଙ୍ଗପୁର ଗ୍ରାମର ହେମଲତା ଜଣେ ଅଗ୍ରଣୀ ଚାଷୀ ଓ ସମାଜସେବୀକା ଭାବେ ଜଣାଶୁଣା। ତାଙ୍କୁ ଯେଉଁ ଗୁରୁଦାୟିତ୍ୱ ପ୍ରଦାନ କରାଯାଇଛି, ତାହାକୁ ସେ ସଫଳତାର ସହ ତୁଲାଇବେ ବୋଲି ହେମଲତା ସୂଚନା ଦେଇଛନ୍ତି ।

### ରମ୍ଭାରେ ନୂତନ କାର୍ଯ୍ୟନିର୍ବାହୀ ଅଧିକାରୀ



ରମ୍ଭା,୨୬।୯-ରମ୍ଭା ବିଜ୍ଞାପିତ ଅଞ୍ଚଳ ପରିଷଦରେ ନୂତନ କାର୍ଯ୍ୟନିର୍ବାହୀ ଅଧିକାରୀ ରୂପେ ଆଶାଲତା ରାଚମାଳା ଯୋଗ ଦେଇଛନ୍ତି। ଏଥି ପୂର୍ବରୁ ସେ କଟକ ଜିଲା ଆଠଗଡ ଏନ୍ଏସିରେ କାର୍ଯ୍ୟରତ ଥିଲେ। ରମ୍ଭା ଏନଏସିରେ ଏଥି ପୂର୍ବରୁ ଅବସ୍ଥାପିତ କାର୍ଯ୍ୟରତ ତଥା ଅତିରିକ୍ତ ତହସିଲଦାର ଜ୍ୟୋର୍ତିମୟ ଦାଶ ପୂର୍ବ ସ୍ଥାନକୁ ଫେରିଯାଇଥିବା ଜଣାପଡିଛି।

### ପଣ୍ଡିତ ଦୀନଦୟାଲଙ୍କ ଜୟନ୍ତୀ

ଫୁଲବାଣୀ ଅଫିସ/ଫିରିଙ୍ଗିଆ,୨୬।୯: ଫିରିଙ୍ଗିଆ ବ୍ଲକ ନୂଆପଦର ପଞ୍ଚାୟତ ଜାର୍ଗିପଡ଼ା ଠାରେ ନେହେରୁ ଯୁବ କେନ୍ଦ୍ର ଓ ନେତାଜୀ ସୁବାଷ ଚନ୍ଦ୍ର ବୋଷ ଯୁବକ ସଂଘ ମିଳିତ ଆନୁକୂଲ୍ୟରେ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ଜନ୍ମ ଦିବସ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବିଡିଓ ରଶ୍ମି ରଞ୍ଜନ ମହାନ୍ତ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ସରପଞ୍ଚ ଭବାନୀ ଶଙ୍କର କହଁର, ଶିକ୍ଷକ ଜନ୍ମେଜୟ କହଁର, ଶରତ କୁମାର ମହାନ୍ତି, ନାରାୟଣ ମଲ୍ଲିକ, ଉଦୟନାଥ ମଲ୍ଲିକ, ସୁବାଷ ମଲ୍ଲିକ ପ୍ରମୁଖ ଯୋଗଦେଇ ପଣ୍ଡିତ ଦୀନଦୟାଲଙ୍କ ଜୀବନୀ ଉପରେ ଆଲୋଚନା କରିଥିଲେ। ନେହେରୁ ଯୁବ କେନ୍ଦ୍ର ସ୍ୱେଚ୍ଛାସେବୀ ସୁଭଦ୍ରା କହଁର, ଯୁବକ ସଂଘ ସଦସ୍ୟମାନେ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

# ଏମ୍‌ଜିଏନ୍‌ଆରଇଜିଏସ୍‌ରେ ଛତ୍ରପୁର ବ୍ଲକ ପଛୁଆ

**ଛତ୍ରପୁର,୨୬ ।୯(ଡିଏନଏ )**

ଛତ୍ରପୁର ବ୍ଲକ ସ୍ତରୀୟ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ) ଏବଂ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ସମ୍ବନ୍ଧୀୟ ଜନଶୁଣାଣି ଶିବିର ବ୍ଲକ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି। ଏଥିରେ ଛତ୍ରପୁର ଉପଜିଲାପାଳ ପ୍ରସନ୍ନ କୁମାର ପାତ୍ର ଅଧ୍ୟକ୍ଷତା କରିଥିଲେ। ଜିଲା ସାମାଜିକ ସମୀକ୍ଷକ ଡ.ରବିନ୍ଦ୍ର ନାଥ ମଲାଣ ଯୋଗଦେଇ ଶିବିର ସମ୍ପର୍କରେ କହିଥିଲେ।

୨୦୨୧ ଏପ୍ରିରୁ ୩୧ ମାର୍ଚ୍ଚ ୨୦୨୨ ପର୍ଯ୍ୟନ୍ତ ବ୍ଲକରେ ଏମଜିଏନଆରଜିଏସରେ ୮୧୪ ପ୍ରକଳ୍ପ ଲାଗି ନିଷ୍ପତ୍ତି ହୋଇଥିଲା। ସେଥିରୁ ୫୮୮ଟି ପ୍ରକଳ୍ପ କାର୍ଯ୍ୟ ଚାଲିଥିବା ବେଳେ ୨୨୬ଟି ପ୍ରକଳ୍ପ ସରିଛି । ୧୮ ପଞ୍ଚାୟତରେ ୨୩ ହଜାର ୫୯୫ ଜବ କାର୍ଡ ଦିଆଯାଇଥିବା ବେଳେ ସେଥିରୁ ୧୬,୨୭୦ ଜବ୍‌କାଡ ସଚଳ ରହିଛି । ୧୦ ଲକ୍ଷ ୭୦ ହଜାର ୮୫୫ ଶ୍ରମ ଦିବସ ସୃଷ୍ଟି ହୋଇଛି । ୨୯୯୦ ପରିବାର ଶହେଦିନ କାମ ପାଇଛନ୍ତି । ଜିଲାରେ ୨୨ଟି ବ୍ଲକ ମଧ୍ୟରୁ ଛତ୍ରପୁର ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଭଲ କରୁନାହିଁ । ସବୁଠୁ ତଳେ ରହିଛି ବୋଲି ଉପଜିଲାପାଳ କହିଥିଲେ । ସରକାରୀ କର୍ମଚାରୀ ଏବଂ ସରପଞ୍ଚମାନେ ଠିକ ଭାବେ କାମ କରୁନାହାନ୍ତି । ଟିମ ୱାର୍କ ଅଭାବ ରହୁଛି । ତେଣୁ ସରକାରୀ ଯୋଜନା ଉପରେ କିଏ ବି ବାଧକ ସାଜନ୍ତୁ ନାହିଁ ବୋଲି ସେ କହିଥିଲେ । ଜିଆରଏସ, କନିଷ୍ଠଯନ୍ତ୍ରୀ ନିଜ ନିଜ ପଞ୍ଚାୟତରେ କିପରି ଏହି ଯୋଜନା ଫଳପ୍ରଦ ହେବ ତାହା ଉପରେ ଗୁରୁତ୍ୱ ଦେବାକୁ ପଡିବ ବୋଲି କହିଥିଲେ । ବୈଠକରେ ଭତ୍ତା ଉପରେ ମଧ୍ୟ ଆଲୋଚନା ହୋଇଥିଲା। ଦୁଇ ପଞ୍ଚାୟତରେ ମୃତ ବ୍ୟକ୍ତିଙ୍କ ଖାତାକୁ ଟଙ୍କା ଯାଉଛି ବୋଲି ଜିଲା ସାମାଜିକ ସମୀକ୍ଷକ ଡ.ରବିନ୍ଦ୍ର ନାଥ ମଲାଣ କହିଥିଲେ। ସେମାନଙ୍କୁ ଚିହ୍ନଟ ମଧ୍ୟ ସରିଛି ସ୍ଥାନୀୟ ପିଇଓ ସେମାନଙ୍କ ଟଙ୍କା କିପରି ଫେରସ୍ତ କରିଆଣାଯିବ ତାହର ବ୍ୟବସ୍ଥା କରିବାକୁ କହିଥିଲେ। ସେହିପରି ଏବେ ବି କିଛି ମୃତ ବ୍ୟକ୍ତିଙ୍କୁ ଟଙ୍କା ଯାଉଛି ତେଣୁ ତାକୁ ଚିହ୍ନଟ କରିବାକୁ କୁହାଯାଇଛି । ବ୍ଲକରେ ବିଭିନ୍ନ ପଚାଂୟତରେ ୧୫ତମ କେନ୍ଦ୍ରୀୟ ଅର୍ଥ ଅନୁଦାନରେ ବିଭିନ୍ନ ପ୍ରକଳ୍ପର କାମ ହୋଇଥିଲେ ମଧ୍ୟ କିଛି ପଞ୍ଚାୟତ ପିଇଓ ମାନେ କ୍ୟାସବୁକ, କେସ ରେକର୍ଡ ପ୍ରଦାନ କରିନଥିବା ବୈଠକରେ କୁହାଯାଇଛି । ବ୍ଲକରେ ଥିବା ମେଟସାଥି ମାନେ ନିଜ ଦାୟିତ୍ୱ କୁ ଠିକଭାବେ ସମ୍ପାଦାନ କରିବାକୁ କୁହାଯାଇଛି । ଯେଉଁ ମେଟ ସାଥିମାନେ ନିଜ ଦାୟିତ୍ୱ ଠିକଭାବେ ତୁଲାଇବେ ନାହିଁ ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବ । ଆଗାମି ଦିନରେ ମହିଳାମାନଙ୍କୁ ମେଟ ସାଥିକୁ ରଖାଯିବ । ବୈଠକରେ ବିଡିଓ ସାରଦା ପ୍ରଶନ୍ନ ପଣ୍ଡା, ବ୍ଲକ ଅଧ୍ୟକ୍ଷା କିରଣ କୁମାରୀ ଦାସ,ଉପଧ୍ୟକ୍ଷା ଏସ.ଶାରଦା ରେଡ୍ଡି,ଏବିଡିଓ ଜୟଶ୍ରୀ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

# ଜିଲାପାଳ, ଏସ୍‌ପିଙ୍କ ଅଭିଯୋଗ ଶୁଣାଣି




ଅଭିଯୋଗ ଶୁଣାଣି ଶିବିରରେ ଜିଲାପାଳ ଓ ଏସ୍‌ପି ।

**ପାରଳାଖେମୁଣ୍ଡି,୨୬।୯(ଡି.ଏନ.ଏ.)**

ଗଜପତି ଜିଲା ରାୟଗଡ଼ ବ୍ଲକ କନେଇପୁର ଗ୍ରାମପଞ୍ଚାୟତ ସମ୍ମିଳନୀ କକ୍ଷରେ ଗ୍ରାମ୍ୟ ମୁଖୀ ପ୍ରଶାସନ ସହ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଜିଲାପାଳ ଲିଙ୍ଗରାଜ ପଣ୍ଡା ଓ ଏସ୍‌ପି ଜୟରାମ ଶତପଥୀଙ୍କ ଅଭିଯୋଗ ଶୁଣାଣିରେ ଯୋଗଦେଇଥିଲେ। ବ୍ଲକ ଅନ୍ତର୍ଗତ କନେଇପୁର, କେରାଣ୍ଡି ଓ ଲକ୍ଷ୍ମୀପୁର ଗ୍ରାମ ପଞ୍ଚାୟତବାସୀଙ୍କ ପକ୍ଷରୁ ମୋଟ ୧୧୫ଟି ଅଭିଯୋଗ ଆସିଥିଲା। ସେଥିମଧ୍ୟରୁ ୧୫ଟି ବ୍ୟକ୍ତିଗତ ଅଭିଯୋଗ, ଗ୍ରାମ ଭିତ୍ତିକ ସମସ୍ୟା ୭୫ଟି, ୨୫ଟି ଅଭିଯୋଗକୁ ତୁରନ୍ତ ଫଇସଲା କରାଯାଇଛି । ଅନ୍ୟ ସବୁ ଅଭିଯୋଗକୁ ତୁରନ୍ତ ସମାଧାନ ଲାଗି ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ ।

ଅଭିଯୋଗ ଶୁଣାଣି ସମୟରେ ଉପଜିଲାପାଳ ଆଲୋକ କୁମାର ପ୍ରଧାନ, ପିଏ ଆଇଟିଡିଏ ଫାଲଗୁନି ମାଝୀ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ଼ା ପ୍ରଦୀପ କୁମାର ପାତ୍ର, ତହସିଲଦାର ସୁଶ୍ରୀ ଲୀଳାବତୀ ଆଚାରୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ରାଜ ରଞ୍ଜିତ ବଳ, ଜିଲ୍ଲା ଜରୁରକାଳୀନ ଅଧିକାରୀ ଜୟଦ୍ରଥ ଆଚାର୍ଯ୍ୟ , ଜନ ଅଭିଯୋଗ ଶୁଣାଣି ନୋଡାଲ ଅଧିକାରୀ ନର୍ମଦା ନାୟକ ଓ ସମସ୍ତ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ ।

# ସୁରଟରେ ପ୍ରବାସୀ ଓଡ଼ିଆ ଶ୍ରମିକ କଲ୍ୟାଣ କର୍ମଶାଳା



ମଞ୍ଚାସୀନ ଅତିଥିବୃନ୍ଦ।

**ଭଞ୍ଜନଗର,୨୬।୯(ଡି.ଏନ.ଏ)**

ଓଡିଶା ସରକାର ପ୍ରବାସୀ ଓଡିଆମାନଙ୍କ ହିତ ଉଦ୍ଦେଶ୍ୟରେ ସୁରଟରେ ପ୍ରବାସୀ ଓଡିଆ ଶ୍ରମିକ ସହାୟତା କେନ୍ଦ୍ର ଖୋଲିବା ପାଇଁ ସ୍ଥିର କରିଛନ୍ତି। ଏହାଦ୍ୱାରା ସୁରଟ ସହରରେ କାର୍ଯ୍ୟ କରୁଥିବା ଅନେକ ଶ୍ରମିକଙ୍କ ବହୁ ସମସ୍ୟା ସମାଧାନ ହୋଇପାରିବ। ଶ୍ରମିକ ସହାୟତା କେନ୍ଦ୍ର ପାଇଁ ରାଜ୍ୟ ସରକାରଙ୍କ ଶ୍ରମ ଓ କର୍ମଚାରୀ ବୀମା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇସାରିଛି। ତେଣୁ ସହାୟତା କେନ୍ଦ୍ର ଖୋଲିବା ଏବଂ କର୍ମଚାରୀ ମାନଙ୍କ ସମସ୍ୟା ସମ୍ପର୍କରେ ଏକ ବୈଠକ ରବିବାର ସୁରଟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଶ୍ରମ ଓ କର୍ମଚାରୀ ବୀମା ମନ୍ତ୍ରୀ ଶ୍ରୀକାନ୍ତ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟ ସରକାର ପ୍ରବାସୀ ଓଡିଆ ଶ୍ରମିକଙ୍କ ପାଇଁ ନେଇଥିବା ପଦକ୍ଷେପ ସମ୍ପର୍କରେ କହିଥିଲେ। ରାଜ୍ୟ ଭଳି ସୁରଟରେ ମଧ୍ୟ ପ୍ରବାସୀ ଶ୍ରମିକ ଯେଭଳି ସରକାରଙ୍କ ସମସ୍ତ ସୁବିଧା ପାଇବେ ପଦକ୍ଷେପ ନିଆଯାଉଛି ବୋଲି ମନ୍ତ୍ରୀ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ଶ୍ରମ କମିଶନର ଏନ୍. ତିରୁମଲା ନାୟକ, ସହକାରୀ ଶ୍ରମ କମିଶନର ସୁନୀଲ କୁମାର ସାହୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ତରାଜ୍ୟ ବୈଷୟିକ ପରାମର୍ଶଦାତା ଭଟବନ୍ଧୁ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ପ୍ରବାସୀ ଓଡିଆ ସମାଜ ସଭାପତି ପ୍ରଦୀପ କୁମାର ସାହୁ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ।

## ବେଲଗୁଣ୍ଠାରେ ଜେଏମ୍‌ଏଫ୍‌ସି କୋର୍ଟ ଖୋଲିବ

**ଭଞ୍ଜନଗର,୨୬।୯(ଡି.ଏନ.ଏ)**

ରାଜ୍ୟରେ ଆଉ ୩୪ଟି ନୂତନ ଜେଏମ୍‌ଏଫସି କୋର୍ଟ ଖୋଲିବ । ସେଥିମଧ୍ୟରେ ଗଞ୍ଜାମ ଜିଲା ବେଲଗୁଣ୍ଠା ରହିଛି। ଏ ନେଇ ହାଇକୋର୍ଟରୁ ଶନିବାର ବିଜ୍ଞପ୍ତି ପ୍ରକାଶ ପାଇଛି । ଅକ୍ଟୋବର ୧୦ ସୁଦ୍ଧା ଭିତ୍ତିଭୂମି ସମ୍ପର୍କରେ ଜଣାଇବା ପାଇଁ ଜିଲା କୋର୍ଟକୁ ଚିଠି ଆସିଛି । ତେଣୁ ଭଞ୍ଜନଗର ବାର୍ ଆସୋସିଏଶନ ସଭାପତି ସନ୍ତୋଷ କୁମାର ନାୟକ, ସମ୍ପାଦକ ଅମରେଶ ମହାପାତ୍ର, ଆଇନଜୀବୀ ସନ୍ତୋଷ ତିଆଡ଼ି, ଶୈଳେନ୍ଦ୍ର ନାରାୟଣ ସାହୁ ସୋମବାର ଜିଲାଜଜ୍ ଆନନ୍ଦ ଚନ୍ଦ୍ର ବେହେରାଙ୍କୁ ଭେଟି ବେଲଗୁଣ୍ଠାରେ ଜେଏମ୍‌ଏଫସି କୋର୍ଟ ଖୋଲାଯିବା ଓ ଭଞ୍ଜନଗର କୋର୍ଟରେ ବିଭିନ୍ନ ବିଷୟରେ ଆଲୋଚନା କରିଛନ୍ତି । ଗତ ମାସରେ ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କ ଦ୍ୱାରା ଜଗନ୍ନାଥପ୍ରସାଦରେ ଜେଏମ୍‌ଏଫସି କୋର୍ଟ ଉଦ୍‌ଘାଟିତ ହୋଇଥିଲା। ପ୍ରତ୍ୟେକ ବ୍ଲକ ହେଡ୍‌କ୍ୱାଟରରେ ଜେଏମ୍‌ଏଫସି କୋର୍ଟ ଖୋଲିବା ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି। ସେହି ପ୍ରକାରେ ବେଲଗୁଣ୍ଠା ଜେଏମ୍‌ଏଫ୍‌ସି କୋର୍ଟ ଖୋଲିବା ପ୍ରକ୍ରିୟା ଆରମ୍ଭ ହୋଇଛି ।

# ଦୁର୍ଗାପୂଜା ପ୍ରସ୍ତୁତି ଜୋରଦାର



ବିଡ଼େକା ପକ୍ଷରୁ ତିଆରି ହେଉଥିବା ତୋରଣ ।

**ଭଞ୍ଜନଗର,୨୬।୯(ଡି.ଏନ.ଏ)**

ଭଞ୍ଜନଗର ସହରରେ ଚଳିତବର୍ଷ ଯାକଜକମରେ ଦୁର୍ଗା ପୂଜା ଲାଗି ବିଭିନ୍ନ ପୂଜା କମିଟି ପକ୍ଷରୁ ଜୋରଦାର ପ୍ରସ୍ତୁତି ଚାଲିଛି। ଜଳ ସମ୍ପଦ ବିଭାଜନ କର୍ମଚାରୀ ସାଂସ୍କୃତିକ ପରିଷଦ (ବିଡ଼େକା) ପକ୍ଷରୁ ଜଳସମ୍ପଦ କାର୍ଯ୍ୟାଳୟ ପରିସରରେ ଦୁର୍ଗାପୂଜା ପାଇଁ ବିରାଟ ତୋରଣ କରାଯାଉଛି। ଏଥିସହ ପୂଜାର ବିଭିନ୍ନ ଦିବସରେ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ଆୟୋଜନ କରାଯାଉଛି। ଏଥିସହ ଓଏସ୍‌ଆରଟିସି ପକ୍ଷରୁ ବସ୍‌ଷ୍ଟାଣ୍ଡ, ଭଞ୍ଜ ସାହିତ୍ୟ ପରିଷଦ ଏବଂ ରେଡ଼କ୍ରସ ରୋଡ଼ରେ ବିଶ୍ୱ ଜନନୀ କଳା ପରିଷଦ ପକ୍ଷରୁ ମଧ୍ୟ ଦୁର୍ଗାପୂଜା ହେଉଛି। ରେଡ଼କ୍ରସ ରୋଡ଼ରେ ହେଉଥିବା ପୂଜା ଶାନ୍ତନୁ କୁମାର ଦାସଙ୍କ ନେତୃତ୍ୱରେ ପ୍ରସ୍ତୁତି ଚାଲିଛି । ଭଞ୍ଜ ସାହିତ୍ୟ ପରିଷଦରେ ଟୁନା ଜେନା, କାଳି ତ୍ରିପାଠୀ ପ୍ରମୁଖ ସବୁ କାର୍ଯ୍ୟକ୍ରମ ପରିଚାଳନା କରୁଛନ୍ତି।

# ପର୍ତ୍ତମାହା ସେବାଶ୍ରମରେ ଶିକ୍ଷା ଅଙ୍କୁର କାର୍ଯ୍ୟକ୍ରମ

**ଦାରିଙ୍ଗବାଡି,୨୬।୯(ଡି.ଏନ.ଏ)**




ତାଲିମ ଶିବିରରେ ମଞ୍ଚାସୀନ ଅତିଥି।

ଦାରିଙ୍ଗବାଡି ବ୍ଲକ ପର୍ତ୍ତମାହା କ୍ଲଷ୍ଟରର ପର୍ତ୍ତମାହା ସେବାଶ୍ରମ ପରିସରରେ ରବିବାର ଗୋଷ୍ଠୀ ଶିକ୍ଷା ଅଧିକାରୀ ରସାନନ୍ଦ କରଙ୍କ ଅଧ୍ୟକ୍ଷତାରେ ଦିନିକିଆ 'ଶିକ୍ଷା ଅଙ୍କୁର' ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହାକୁ ପର୍ତ୍ତମାହା ସିଆର୍‌ସିସି ହରିଶଙ୍କର ପ୍ରଧାନ ପରିଚାଳନା କରିଥିବା ବେଳେ ସିମନବାଡ଼ି ସିଆର୍‌ସିସି ବନ୍ଧୁରାଜ ଉଠାଣସିଂ, ସିଆଙ୍ଗବାଲି ସିଆର୍‌ସିସି କହିନ ପ୍ରଧାନ ଏବଂ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଶାନ୍ତ ପ୍ରଧାନ ପ୍ରମୁଖ ସାଧନ କର୍ମୀ ଭାବେ ସହଯୋଗ କରିଥିଲେ। ଜିଲାପାଳ ଆଶିଷ ଈଶ୍ୱର ପାଟିଲଙ୍କ ନିର୍ଦ୍ଦେଶ କ୍ରମେ ସମସ୍ତ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଦ୍ୟାଳୟରେ ଏହି କାର୍ଯ୍ୟକ୍ରମ କରାଯାଉଛି। ବିଦ୍ୟାଳୟ ପରିସରରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା କୃତ୍ରିମ ବଜାର ଖୋଲିବା ଏବଂ ସେଥିପାଇଁ ଆବଶ୍ୟକ ସାମଗ୍ରୀ ଯୋଗାଇଦେବା ଏବଂ ସେମାନଙ୍କ ଏହି ଶିକ୍ଷା ରିସୋର୍ସ ପର୍ସନ ଶିକ୍ଷକମାନଙ୍କ ଦ୍ୱାରା ଶିକ୍ଷା ଦିଆଯାଇଥିଲା। ଏହାଦ୍ୱରା ଛାତ୍ରୀଛାତ୍ର ମାନଙ୍କ ଶିକ୍ଷାରେ ବିକାଶ ହେବ ବୋଲି କୁହାଯାଇଛି। ଉକ୍ତ ଶିବିରରେ ପର୍ତ୍ତମାହା କ୍ଲଷ୍ଟରର ସମସ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ପ୍ରାୟ ୩୯ ଯୋଗଦେଇ ତାଲିମ ଶିବିରକୁ ସଫଳ କରାଯାଇଥିବା ସିଆର୍‌ସିସି ହରିଶଙ୍କର ପ୍ରଧାନ କହିଥିଲେ।

## ହତ୍ୟା ଅଭିଯୁକ୍ତ ଗିରଫ

**ଆସିକା,୨୬।୯(ଡି.ଏନ.ଏ)**

ଆସିକା ଥାନା ଅନ୍ତର୍ଗତ ମଙ୍ଗଳପୁର ଗ୍ରାମରେ ରବିବାର ରାତିରେ ସ୍ୱାମୀଙ୍କ କାତି ଚୋଟରେ ମଞ୍ଜୁଳା ପ୍ରଧାନଙ୍କ ମୃତ୍ୟୁ ଘଟିଥିଲା । ସୋମବାର ଅଭିଯୁକ୍ତ ସ୍ୱାମୀ ବିଜୟ ପ୍ରଧାନଙ୍କୁ ପୋଲିସ ଗିରଫ କରିଛି । ଏ ନେଇ ଆସିକା ଥାନାରେ ନଂ.୬୧୩/୨୨ରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ କହିଛନ୍ତି । ସୂଚନାଯୋଗ୍ୟ, ପାରିବାରିକ କନ୍ଦଳକୁ କେନ୍ଦ୍ର କରି ରବିବାର ରାତିରେ ଏହି ହତ୍ୟାକାଣ୍ଡ ଘଟିଥିଲା ।

# ଅଧ୍ୟାପିକାଙ୍କୁ ସମ୍ବର୍ଦ୍ଧନା

**ପାରଳାଖେମୁଣ୍ଡି,୨୬।୯(ଡି.ଏନ.ଏ.)**

ପାରଳାଖେମୁଣ୍ଡି ମହିଳା ସ୍ନାତକ ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା ଅଧିକାରୀ ଅଧ୍ୟାପିକା ଡ.ଭାରତୀ ପାଣିଗ୍ରାହୀ ଗଜପତି ଜିଲାର ଶ୍ରେଷ୍ଠ ଏନ୍‌ଏସ୍‌ଏସ୍ ଅଧିକାରୀ ଭାବେ ପୁରସ୍କୃତ ହୋଇଛନ୍ତି। ଏଥିଲାଗି ମହାବିଦ୍ୟାଳୟ ଅଧ୍ୟକ୍ଷା ଡ.ରୀନା ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ସଭାରେ ଅଧ୍ୟାପିକା ପାଣିଗ୍ରାହୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସେ କହିଥିଲେ, ମହାବିଦ୍ୟାଳୟ ଅଧ୍ୟକ୍ଷା ଏବଂ ସମସ୍ତ କର୍ମଚାରୀଙ୍କ ସହଯୋଗ ଯୋଗୁ ସେବା ଯୋଜନା କାର୍ଯ୍ୟକ୍ରମ ମହାବିଦ୍ୟାଳୟରେ ଠିକ ଭାବେ କାର୍ଯ୍ୟ କରୁଛି। ସେଥିପାଇଁ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ। ସୂଚନା ଯୋଗ୍ୟ, ଅଧ୍ୟାପିକା ପାଣିଗ୍ରାହୀଙ୍କୁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଏନଏସଏସ ବ୍ୟୁରୋ ତରଫରୁ ବୀର ସେବକ ଟ୍ରଫି ତଥା ମାନପତ୍ର କୁଳପତି ପ୍ରଫେସର ଗୀତାଞ୍ଜଳି ଦାସ ଗତ ୨୪ ତାରିଖ ଜାତୀୟ ସେବା ଯୋଜନା ଦିବସରେ ପ୍ରଦାନ କରିଥିଲେ।

# ରାମଗିରିରେ ମାଛ ଯାଆଁଳ ବଣ୍ଟନ

**ଆର୍.ଉଦୟଗିରି,୨୬।୯(ଡି.ଏନ୍.ଏ.)**

ଆର.ଉଦୟଗିରି ବ୍ଲକ ରାମଗିରି ଗ୍ରାମପଞ୍ଚାୟତର ରାଜୀବ ଗାନ୍ଧୀ ସେବକେନ୍ଦ୍ର ଠାରେ କୃଷି ବିଭାଗ ସହାୟତାରେ ସୁରକ୍ଷା ଅନୁଷ୍ଠାନ ଦ୍ୱାରା ଚାଲୁଥିବା ସମନ୍ୱିତ ଚାଷ ପ୍ରକଳ୍ପର ଉନ୍ନତ ପ୍ରଣାଳୀରେ ମାଛ ଚାଷ ଉପରେ ଏକ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗଜପତି ଜିଲା ମୁଖ୍ୟ କୃଷି ଅଧିକାରୀ କୈଳାଶ ଚନ୍ଦ୍ର ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ମାଛ ଚାଷରେ କିଭଳି ଚାଷୀମାନେ ଲାଭବାନ ହୋଇପାରିବେ ଉପସ୍ଥିତ ଚାଷୀମାନଙ୍କୁ ବୁଝାଇବା ସହିତ ଉନ୍ନତ କିସମର ମାଛ ଯାଆଁଳା ବଣ୍ଟନ କରିଥିଲେ। ଏହି ଶିବିରରେ ୱାସନ ସଙ୍ଗଠନର ମାଛ ଓ ପଶୁପାଳନ ଜିଲା ସଂଯୋଜିକା ରତ୍ନପୂର୍ଣ୍ଣା ଉପସ୍ଥିତ ରହି ଚାଷୀମାନଙ୍କୁ ଉନ୍ନତ ପ୍ରଣାଳୀରେ ମାଛଚାଷ କରିବାର ପ୍ରଣାଳୀ ଶିକ୍ଷାଦେବା ସହିତ ପୋଖରୀର ବିଶୋଧିକରଣ, ମାଛକୁ ଖାଦ୍ୟ ଯୋଗାଣ ଓ ବଜାରୀକରଣ ବିଷୟରେ ତାଲିମ ଦିଆଯାଇଥିଲା। ସୁରକ୍ଷା ସଙ୍ଗଠନର ମାଛ ଓ ପଶୁପାଳନ ବ୍ଲକ ସଂଯୋଜକ ସନ୍ତୋଷ କୁମାର ରାଉଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଓ ତାଙ୍କୁ କୃଷି ଏବଂ ଉଦ୍ୟାନ ବ୍ଲକ ସଂଯୋଜିକା ସସ୍ମିତା ସ୍ୱାଇଁ ସହଯୋଗ କରିଥିଲେ। ଆର.ଉଦୟଗିରି ବ୍ଲକ ୧୦ ପଞ୍ଚାୟତର ୯୦ ଚାଷୀ ଉପସ୍ଥିତ ଥିଲେ।



ମାଛ ଯାଆଁଳା ବଣ୍ଟନ।

# ଜିଲାସ୍ତରୀୟ କୃଷି କର୍ମଶାଳା

**ଭଞ୍ଜନଗର,୨୬।୯(ଡି.ଏନ.ଏ)**




ବୈଠକରେ ଉପସ୍ଥିତ କର୍ମକର୍ତ୍ତା ।

ଭଞ୍ଜନଗର କୃଷି ବିଜ୍ଞାନ କେନ୍ଦ୍ରରେ ସୋମବାର ଗଞ୍ଜାମ ଜିଲାସ୍ତରୀୟ ଜଳବାୟୁ ସହନଶୀଳ କୃଷି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କୃଷି ବିଜ୍ଞାନ କେନ୍ଦ୍ର ବରିଷ୍ଠ ବୈଜ୍ଞାନିକ ଡ଼.ସୁତନୁ କୁମାର ଶତପଥୀ କର୍ମଶାଳାରେ ଅଧ୍ୟକ୍ଷତା କରିଥିଲେ। ଉପ ନିର୍ଦ୍ଦେଶକ ସଂପ୍ରସାରଣ ନିର୍ଦ୍ଦେଶାଳୟ (ଓୟୁଏଟି) ଡ଼.ହେମନ୍ତ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ କର୍ମଶାଳାକୁ ଉଦ୍‌ଘାଟନ କରିଥିଲେ। କୃଷିରେ ନୂତନ ଜ୍ଞାନ କୌଶଳ ପ୍ରୟୋଗ ନେଇ ପ୍ରଚାର ପ୍ରସାର କର୍ମଶାଳାର ମୁଖ୍ୟ ଉଦ୍ଦେଶ୍ୟ ବୋଲି ମୁଖ୍ୟ ଅତିଥି କହିଥିଲେ। କୃଷିକ୍ଷେତ୍ର ପ୍ରତି ଚାଷୀମାନେ ଆଗ୍ରହ ପ୍ରକାଶ କରିବାକୁ ଏହାଦ୍ୱାରା ସେମାନଙ୍କ ଆର୍ଥିକ ମାନଦଣ୍ଡରେ ଉନ୍ନତି ଆସିବା ସହ ରାଜ୍ୟ ଓ ଦେଶର ମଧ୍ୟ ବିକାଶ ହୋଇପାରିବ ବୋଲି ଡ଼.ସାହୁ କହିଥିଲେ । କର୍ମଶାଳାରେ ଅନ୍ୟମାନଙ୍କ ମଧ୍ୟରେ ଆସିକା କୃଷି ଜିଲା ଅଧିକାରୀ ନିରଞ୍ଜନ ମହାନ୍ତି, ଭଞ୍ଜନଗର କୃଷି ଜିଲା ଅଧିକାରୀ ଶଶିଭୂଷଣ ସେନାପତି, ବ୍ରହ୍ମପୁର କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଡ଼.ସୁସ୍ମିତା ମହାନ୍ତି, କନ୍ଧମାଳ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ନାରାୟଣ ବାର୍, ଭଞ୍ଜନଗର ବ୍ଲକ ସହକାରୀ କୃଷି ଅଧିକାରୀ ଦିବ୍ୟ ସୁନ୍ଦର ମାଝୀ, ଭଞ୍ଜନଗର ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ ନିଶିକାନ୍ତ ବଳ, ସୋରଡ଼ା ସହକାରୀ ଉଦ୍ୟାନ ଅଧିକାରୀ ସି.ଗୁଲାବି, ବୈଜ୍ଞାନିକ ସନ୍ଦିପ ମହାନ୍ତି, ଡ଼.ସନ୍ତୋଷ କୁମାର ସାମନ୍ତରାୟ, ଡ଼.ବିଷ୍ଣୁପଦ ଗିରି, ପାଣିପାଗ ବିଶେଷଜ୍ଞ ସ୍ୱାତୀ ସ୍ୱୟଂପ୍ରଭା ପ୍ରଧାନ ପ୍ରମୁଖ ଯୋଗଦେଇ ପରିବର୍ତ୍ତିତ ଜଳବାୟୁ ସହ ଚାଷୀମାନେ କିଭଳି ଖାପ ଖୁଆଇ ଚାଷ କରିବେ ସେ ସମ୍ପର୍କରେ କହିଥିଲେ। ବୈଜ୍ଞାନିକ ପ୍ରଶାନ୍ତ କୁମାର ପଣ୍ଡା ସ୍ୱାଗତ ଭାଷଣ ଓ ଅନିତା ପାତ୍ର ଧନ୍ୟବାଦ ପ୍ରଦାନ କରିଥିଲେ। ଶୀତିକଣ୍ଠ ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।